# ଷତ୍ୱ ବିଧି

**(ସ → ଷ)**

ଅ, ଆ ଭିନ୍ନ ସ୍ୱରବର୍ଣ୍ଣ, କ୍, ଙ୍, ଏବଂ ର୍ ରୁ ପର ପ୍ରତ୍ୟୟରେ ଥିବା ସ'କାରର ଷ'କାର ହୁଏ । ଉକ୍ତ ସ'କାରର ପୂର୍ବରେ (ନ୍ ସ୍ଥାନରେ ହୋଇଥିବା) ଅନୁସ୍ୱାର, ବିସର୍ଗ କିମ୍ବା ଷ୍ ଥିଲେ ମଧ୍ୟ ଷକାର ହୁଏ ।

ଯଥା :- ହରି + ସୁ = ହରିଷୁ । ସାଧୁ + ସୁ = ସାଧୁଷୁ । ପିତୃ + ସୁ = ପିତୃଷୁ । ରାମେ + ସୁ = ରାମେଷୁ । ଗୋ + ସୁ = ଗୋଷୁ । ନୌ + ସୁ = ନୌଷୁ । ବାକ୍ + ସୁ = ବାକ୍ଷୁ । ପ୍ରାଙ୍ + ସୁ = ପ୍ରାଙ୍ଷୁ । ବାର୍ + ସୁ = ବାର୍ଷୁ । ମୁମୂର୍ + ସୁ = ମୁମୂର୍ଷୁ । ଚିକୀର୍ + ସା = ଚିକୀର୍ଷା । ସର୍ପୀଂ + ସି = ସର୍ପୀଂଷି । ହବୀଂ + ସି = ହବୀଂଷି । ସର୍ପିଷ୍ + ସୁ = ସର୍ପିଷ୍ଷୁ ।

କିନ୍ତୁ - ଲତା + ସୁ = ଲତାସୁ । ଗଚ୍ଛତ୍ + ସୁ = ଗଚ୍ଛତ୍ସୁ । ରାଜନ୍ + ସୁ = ରାଜସୁ । ବିଦ୍ୟା + ସୁ = ବିଦ୍ୟାସୁ ।

ପଦାନ୍ତ ସ୍ ର ଷ୍ ହୁଏ ନାହିଁ । ଯଥା :- ଅଗ୍ନିସ୍ + ତତ୍ର = ଅଗ୍ନିସ୍ତତ୍ର । ପ୍ରତ୍ୟୟସ୍ଥ ଦନ୍ତ୍ୟ ସ କାରର ଷକାର ହୁଏ ନାହିଁ । ଯଥା :- ଅଗ୍ନିସାତ୍, ନଦୀସାତ୍ ।

ମାତ୍ର - ବିଷମ, ସୁଷମ, ଆନୁଷଙ୍ଗିକ ହୁଏ ।

## ଅଭ୍ୟାସଃ

**ସମୀଚୀନଂ 'ଷତ୍ୱଂ' 'ଣତ୍ୱଂ' ଚ ବିଧାୟ ସଂଶୋଧୟତ ।**

ବିଦ୍ୟାର୍ଥିଣାଂ ବିଦ୍ୟାଷୁ ଅନୁରାଗଃ ଅସ୍ତି । ବୃକ୍ଷାନାଂ ଅଗ୍ରେସୁ ପତ୍ରାନି ନ ସନ୍ତି । ଗ୍ରୀଷ୍ମର୍ତ୍ତୌ ସରଷୁ ଜଳମ୍ ଅଳ୍ପଂ ତିଷ୍ଠତି । ସଦାଚରଣେଣ ଛାତ୍ରାଃ ପୁରସ୍କାରଂ ପ୍ରାପଷ୍ୟନ୍ତି । ସୂର୍ପଣଖା ରାବଣସ୍ୟ ଭଗିନୀ ଆସୀତ୍ । ଧାର୍ମିକାନାଂ ସଭା ଅଭବତ୍ । ପରୋପକାରଃ ମନୁଷ୍ୟାନାଂ ଧର୍ମଃ ।

# ସନ୍ଧି ପ୍ରକରଣମ୍

ସନ୍ନିହିତ ବର୍ଣ୍ଣଦ୍ୱୟର ଶୀଘ୍ରତମ ଉଚ୍ଚାରଣ ହେତୁ ଉକ୍ତ ଦୁଇବର୍ଣ୍ଣରେ ବା ତନ୍ମଧ୍ୟରୁ ଗୋଟିକର ପରିବର୍ତ୍ତନକୁ ସନ୍ଧି କହନ୍ତି ।

> ସନ୍ଧିରେକପଦେ ନିତ୍ୟୋ ନିତ୍ୟୋ ଧାତୂପସର୍ଗୟୋଃ ।
> ସମାସେଽପି ଚ ନିତ୍ୟଃ ସ୍ୟାତ୍ ସ ଚାନ୍ୟତ୍ର ବିବକ୍ଷୟା ।।

୧ । ଏକପଦେ (ଅଖଣ୍ଡପଦେ, ଧାତୁପ୍ରତ୍ୟୟଯୋଗେ) - ଚେ + ଅ = ଚୟ, ଜେ + ଅ = ଜୟ, ନେ + ଅ = ନୟ, ଭୋ + ଅ = ଭବ ।

୨ । ଧାତୂପସର୍ଗୟୋଃ - ଅଭି + ଅସ୍ୟତି = ଅଭ୍ୟସ୍ୟତି । ପ୍ର + ଅନମତ୍ = ପ୍ରାଣମତ୍ । ଉପ + ଅହରତ୍ = ଉପାହରତ୍ ।

୩ । ସମାସେ - ଗଣ + ଈଶଃ = ଗଣେଶଃ । ଜଗତ୍ + ନାଥଃ = ଜଗନ୍ନାଥଃ ।

୪ । ବାକ୍ୟେ - ନ ଅହମ୍ ଜାନାମି = ନାହଞ୍ଜାନାମି / ନ ଅହଂ ଜାନାମି । ସନ୍ଧି କଠିନ ହେଲେ ବି ଏହା ଅନୁପେକ୍ଷଣୀୟ । ଏହାର ସାଧାରଣ ନିୟମମାନ ଅବଶ୍ୟ ଜ୍ଞାତବ୍ୟ । ପ୍ରାଚୀନ ସଂସ୍କୃତ ସାହିତ୍ୟରେ ପ୍ରବେଶ, ଧ୍ୱନିସୌଷ୍ଠବ, ଲେଖନ

କ୍ରିୟାରେ ସ୍ଥାନକାଳର ସଞ୍ଚୟ ଇତ୍ୟାଦି ଦୃଷ୍ଟିରୁ ସନ୍ଧିଜ୍ଞାନ ଅପରିହାର୍ଯ୍ୟ । ସନ୍ଧିର ନିୟମ - ଅଭ୍ୟାସ ଏବଂ ଦୃଷ୍ଟାନ୍ତ ଦ୍ୱାରା ଏଠାରେ ସନ୍ଧିପାଠକୁ **ସ୍ପଷ୍ଟ** ଓ ସ୍ମରଣଯୋଗ୍ୟ କରିବାର ଉଦ୍ୟମ କରାଯାଇଛି । ସ୍ଥାନେ ସ୍ଥାନେ ବିଶେଷ ଜ୍ଞାନ ନିମିତ୍ତ ସନ୍ଧି ସମ୍ବଳିତ ପାଣିନି ସୂତ୍ରର ଉଲ୍ଲେଖ ମଧ୍ୟ କରାଯାଇଛି ।

ସନ୍ଧି ତିନିପ୍ରକାର - (୧) ସ୍ୱରସନ୍ଧି, (୨) ବ୍ୟଞ୍ଜନ ସନ୍ଧି, (୩) ବିସର୍ଗ ସନ୍ଧି ।

## ସ୍ୱରସନ୍ଧିଃ

### (କ) ଅ / ଆ + ଅ / ଆ = ଆ

ଯଥା - ଧର୍ମ + ଅଶୋକଃ = ଧର୍ମାଶୋକଃ, ପିତା + ଅସ୍ତି = ପିତାସ୍ତି । ବ୍ରହ୍ମ + ଆନନ୍ଦଃ = ବ୍ରହ୍ମାନନ୍ଦଃ । ମାତା + ଆଦିଶତି = ମାତାଦିଶତି ।

## ଅଭ୍ୟାସଃ

୧ । ଅଧୋଲିଖିତେଷୁ ସନ୍ଧିବିଚ୍ଛେଦଂ କୁରୁତ ।

ଶୁଭାରମ୍ଭଃ, ବିଦ୍ୟାଭ୍ୟାସଃ, ଅସ୍ତାଚଳଃ, କମଳାସନମ୍, ଶିଷ୍ଟାଚାରଃ, ଭ୍ରଷ୍ଟାଚାରଃ, କ୍ରୋଧାଗ୍ନିଃ, ନୀଳାକାଶଃ, ଶଶାଙ୍କଃ, ରତ୍ନାକରଃ, କାର୍ଯ୍ୟାଳୟଃ ।

୨ । ସନ୍ଧିଂ କୁରୁତ ।

ଗଙ୍ଗା + ଅବତରଣମ୍ । ଆନନ୍ଦ + ଅବସରଃ । ବିଦ୍ୟା + ଅର୍ଥୀ । ପୁଷ୍ପ + ଅଞ୍ଜଳିଃ । ସଦା + ଆନନ୍ଦଃ । ମହା + ଅର୍ଣ୍ଣବଃ । ସତ୍ୟ + ଆଗ୍ରହଃ । ପିତା + ଆଦିଶତି । କଦା + ଅପି । ତଥା + ଅସ୍ତୁ ।

### (ଖ) ଇ / ଈ + ଇ / ଈ = ଈ

ଯଥା :- ଯତି + ଇନ୍ଦ୍ରଃ = ଯତୀନ୍ଦ୍ରଃ, ଅଧି + ଈଶ୍ୱରଃ = ଅଧୀଶ୍ୱରଃ ।

## ଅଭ୍ୟାସଃ

**୧ । ସନ୍ଧିଂ କୁରୁତ ।**

ମୁନି + ଇନ୍ଦ୍ରଃ = ________

ପଠତି + ଇୟମ୍ = ________

ପଠାମି + ଈଶୋପନିଷଦମ୍ = ________

କବି + ଈଶ୍ୱରଃ = ________

କ୍ଷିତି + ଈଶଃ = ________

ପଠସି + ଇତି = ________

ଅପି + ଇଦମ୍ = ________

ଆନୟତି + ଇନ୍ଧନମ୍ = ________

ଖାଦାମି + ଇକ୍ଷୁଦଣ୍ଡମ୍ = ________

ପରି + ଈକ୍ଷଣମ୍ = ________

ସୁଧୀ + ଇନ୍ଦ୍ରଃ = ________

କରୋତି + ଇତି = ________

**୨ । ସନ୍ଧିବିଚ୍ଛେଦଂ କୁରୁତ ।**

ଅତୀବ, କବୀନ୍ଦ୍ରଃ, କପୀନ୍ଦ୍ରଃ, ଅତୀନ୍ଦ୍ରିୟମ୍, ଇତୀଦମ୍, ଅସ୍ମୀତି, ପାର୍ବତୀଶଃ, ଅପୀଚ୍ଛସି ।

### (ଗ) ଉ/ଊ + ଉ/ଊ = ଊ

ଯଥା :- ଭାନୁ + ଉଦୟଃ = ଭାନୂଦୟଃ, ବଧୂ + ଊଷମ୍ = ବଧୂଷମ୍ ।

## ଅଭ୍ୟାସଃ

୧। ସନ୍ଧିଂ କୁରୁତ ।

ଗୁରୁ + ଉପଦେଶଃ = ________
ସୁ + ଉକ୍ତମ୍ = ________
ସାଧୁ + ଉକ୍ତମ୍ = ________
ଲଘୁ + ଉର୍ମିଃ = ________
ଶତ୍ରୁ + ଉଚ୍ଚାରଣମ୍ = ________
କରୋତୁ + ଉଦ୍ୟମମ୍ = ________
ସ୍ମରତୁ + ଉମାମ୍ = ________
ବହୁ + ଉନ୍ନତିଃ = ________
କଟୁ + ଉକ୍ତିଃ = ________
ଶିଶୁ + ଉପହାରଃ = ________
ନନୁ + ଉଦ୍ୟାନେ = ________
କରୋତୁ + ଉତ୍ସବମ୍ = ________
ପଠନ୍ତୁ + ଉପନିଷଦମ୍ = ________
ଗୁମ୍ଫନ୍ତୁ + ଉପଜାତିମ୍ = ________

୨। ସନ୍ଧିବିଚ୍ଛେଦଂ କୁରୁତ ।

ମେରୂପରି, ସାଧୂକ୍ତିଃ, ରଘୂତ୍ତମଃ, ଲଘୂଲ୍ଲୁକଃ, ସିନ୍ଧୂଦକମ୍, ଭୂର୍ଦ୍ଧ୍ୱମ୍, ଧାତୂପସର୍ଗୌ ।

### (ଘ) ଋ/ୠ + ଋ/ୠ = ୠ

ଯଥା :- ପିତୃ + ଋଣମ୍ = ପିତୄଣମ୍, ପିତୃ + ଋଷଭଃ = ପିତୄଷଭଃ ।

## ଅଭ୍ୟାସଃ

୧। ସନ୍ଧିଂ କୁରୁତ ।

ମାତୃ + ଋଦ୍ଧିଃ = ________
ହୋତୃ + ଋତ୍ୱିକ୍ = ________

### ୨ । ଅ/ଆ + ଇ/ଈ = ଏ

ଯଥା :- ନର + ଇନ୍ଦ୍ରଃ = ନରେନ୍ଦ୍ରଃ, ଈଶ୍ୱର + ଇଚ୍ଛା = ଈଶ୍ୱରେଚ୍ଛା ।

## ଅଭ୍ୟାସଃ

୧। ସନ୍ଧିଂ କୁରୁତ ।

ସୁର + ଇନ୍ଦ୍ରଃ = ________
ଗଜ + ଇନ୍ଦ୍ରଃ = ________
ଗଣ + ଈଶଃ = ________
ତଥା + ଇତି = ________
କା + ଇତି = ________
ଧନ + ଇଚ୍ଛୁଃ = ________
ଅତ୍ର + ଇଦମ୍ = ________
ହୃଷୀକ + ଈଶଃ = ________
ଦେବ + ଇନ୍ଦ୍ରଃ = ________
ରାଜ + ଇନ୍ଦ୍ରଃ = ________
ରମା + ଈଶଃ = ________
ନ + ଇତି = ________
ମମ + ଇଚ୍ଛା = ________
ସା + ଇୟମ୍ = ________
ଲଙ୍କା + ଈଶଃ = ________
ଗୁଡାକା + ଈଶଃ = ________

୨। ସନ୍ଧିବିଚ୍ଛେଦଂ କୁରୁତ ।

ଗଜେନ୍ଦ୍ରଃ, ମହେଶ୍ୱରଃ, ସେୟମ୍, ସଖେତି, ପରମେଶ୍ୱରଃ, କ୍ଷମସ୍ୱେତି ।

**ଦୃଷ୍ଟାନ୍ତ :**

ପ୍ରଜେଶଂ ରମେଶଂ ମହେଶଂ ସୁରେଶଂ
ଦିନେଶଂ ନିଶୀଥେଶ୍ୱରଂ ବା କଦାଚିତ୍ ।
ନ ଜାନାମି ଚାନ୍ୟତ୍ ସଦାହଂ ଶରଣ୍ୟେ
ଗତିସ୍ତ୍ୱଂ ଗତିସ୍ତ୍ୱଂ ତ୍ୱମେକା ଭବାନି ।।

### ୩ । ଅ / ଆ + ଉ/ଊ = ଓ

ଯଥା :- ପୁରୁଷ + ଉତ୍ତମଃ = ପୁରୁଷୋତ୍ତମଃ, ସ୍ୱଭାବ + ଉକ୍ତିଃ = ସ୍ୱଭାବୋକ୍ତିଃ ।

**ଅଭ୍ୟାସଃ**

୧। ସନ୍ଧିଂ କୁରୁତ ।

ନର୍ + ଉତ୍ତମଃ = ________ ପର + ଉପକାରଃ = ________
ହିତ + ଉପଦେଶଃ = ________ ବିଶାଳ + ଉଦ୍ୟମଃ = ________
ମହା + ଉତ୍ସବଃ = ________ ବିବିଧ + ଉପଚାରଃ = ________
ପ୍ରଶ୍ନ + ଉତ୍ତରମ୍ = ________ ଉଷ୍ଣ + ଉଦକମ୍ = ________
ଗଙ୍ଗା + ଉଦକମ୍ = ________ ନୀଳ + ଉତ୍ପଳମ୍ = ________
ଦର୍ଶନ + ଉତ୍ସୁକତା = ________ ମୟା + ଉକ୍ତମ୍ = ________

୨। ସନ୍ଧିବିଚ୍ଛେଦଂ କୁରୁତ ।

ପଶ୍ୟୋପରି, ମସ୍ତକୋର୍ଦ୍ଧ୍ୱମ୍, ଯଥୋପଦିଷ୍ଟମ୍, ବେଦୋଦ୍ଧାରକଃ, ଜ୍ଞାନିନୋକ୍ତମ୍, ମହୋର୍ମିଃ, ଏକୋନବିଂଶତିଃ, ଯଥୋଚିତମ୍, ସୂର୍ଯ୍ୟୋଦୟଃ ।

### ୪ । ଅ / ଆ + ଏ / ଐ = ଐ

ଯଥା :- ସଦା + ଏବ = ସଦୈବ, ଦିବ୍ୟ + ଐଶ୍ୱର୍ଯ୍ୟମ୍ = ଦିବ୍ୟୈଶ୍ୱର୍ଯ୍ୟମ୍ ।

**ଅଭ୍ୟାସଃ**

୧। ସନ୍ଧିଂ କୁରୁତ ।

ଯଦା + ଏବ = ________ ଅଦ୍ୟ + ଏବ = ________
ନ + ଏତତ୍ = ________ ମମ + ଏତତ୍ = ________
ମମ + ଏବ = ________ ବ୍ରହ୍ମ + ଏବ = ________
ତେନ + ଏବ = ________ ଅନେନ + ଏବ = ________
ପଞ୍ଚ + ଏତେ = ________ ଉପ + ଏତି = ________

ଏକ + ଏକଃ = ________ ମହା + ଐଶ୍ୱର୍ଯ୍ୟମ୍ = ________

ସା + ଐଛତ୍ = ________ ସା + ଏଷା = ________

ମତ + ଐକ୍ୟମ୍ = ________ ପ୍ରଥମା + ଏକବଚନମ୍ = ________

ତଥା + ଏବ = ________ ମା + ଏବମ୍ = ________

ତୃଷ୍ଣା + ଏକା = ________ ଆଗତା + ଏବ = ________

୨। ସନ୍ଧିବିଚ୍ଛେଦଂ କୁରୁତ ରେଖାଙ୍କିତାନାଂ ପଦାନାମ୍ ।

ଯଦୈବ ରାଜ୍ୟେ କ୍ରିୟତେଽଭିଷେକ

ସ୍ତଦୈବ ଯାତି ବ୍ୟସନେଷୁ ବୁଦ୍ଧିଃ ।

ଘଟା ନୃପାଣାମଭିଷେକକାଳେ

ସହାମ୍ଭସୈବାପଦମୁଦ୍‌ଗିରନ୍ତି ।

**୫ । ଅ / ଆ + ଓ / ଔ = ଔ**

ଯଥା :- ମହା + ଓଷଧିଃ = ମହୌଷଧିଃ, ମମ + ଔତ୍ସୁକ୍ୟମ୍ = ମମୌତ୍ସୁକ୍ୟମ୍ ।

**ଅଭ୍ୟାସଃ**

ସନ୍ଧିଂ କୁରୁତ -

ଜନ + ଓଘଃ = ________ ଜଳ + ଓଘଃ = ________

ତବ + ଓଷ୍ଠଃ = ________ ବନ + ଔଷଧିଃ = ________

ବନ + ଓକସ୍ = ________ ମହା + ଔଦାର୍ଯ୍ୟମ୍ = ________

**୬ । ଅ / ଆ + ଋ / ୠ = ଅର୍**

ଯଥା :- ଦେବ + ଋଷିଃ = ଦେବର୍ଷିଃ, ରାଜା + ଋଷିଃ = ରାଜର୍ଷିଃ

**ଅଭ୍ୟାସଃ**

ସନ୍ଧିଂ କୁରୁତ ।

ବ୍ରହ୍ମ + ଋଷିଃ = ________ ସପ୍ତ + ଋଷୟଃ = ________

ଗ୍ରୀଷ୍ମ + ଋତୁଃ = ________ ଶୀତ + ଋତୁଃ = ________

ଉତ୍ତମ + ଋଣଃ = ________ ଅଧମ + ଋଣଃ = ________

ମହା + ଋଷିଃ = ________ ବର୍ଷା + ଋତୁଃ = ________

**୭ । ଇ / ଈ + ଇବର୍ଣ୍ଣଭିନ୍ନ କୌଣସି ସ୍ୱର = ୟ୍ + ସ୍ୱର**

ଯଥା :- ଯଦି + ଅପି = (ଯଦ୍ + ଇ + ଅପି = ଯଦ୍ + ୟ୍ + ଅପି) = ଯଦ୍ୟପି

## ଅଭ୍ୟାସଃ

୧ । ସନ୍ଧିଂ କୁରୁତ ।

ଅତି + ଅଧିକମ୍ = ________

ଅତି + ଆଚାରଃ = ________

ଯଦି + ଏବମ୍ = ________

ପ୍ରତି + ଉବାଚ = ________

ଅତି + ଉଗ୍ରଃ = ________

ଦେବୀ + ଆଗମନମ୍ = ________

ବକ୍ଷସି + ଉପବିଶ୍ୟ = ________

ଯାସ୍ୟତି + ଅଦ୍ୟ = ________

ଇତି + ଉକ୍ତ୍ୱା = ________

ଅତି + ଅନ୍ତମ୍ = ________

ଇତି + ଆଦିଶତ୍ = ________

ଅପି + ଏତେଷୁ = ________

ପ୍ରତି + ଉପକାରଃ = ________

ଅଭି + ଉଦୟଃ = ________

ଦେବୀ + ଉବାଚ = ________

ଅସ୍ତି + ଉତ୍ତରସ୍ୟାମ୍ = ________

ପ୍ରତି + ଏକଃ = ________

ଅପି + ଉପାୟେନ = ________

୨ । ସନ୍ଧିବିଚ୍ଛେଦଂ କୁରୁତ ରେଖାରୂଢ଼ାନାଂ ପଦାନାମ୍ ।

ଯଦି ଦାସ୍ୟସି <u>ନେଚ୍ଛାମି</u> ନ ଦାସ୍ୟସି <u>ପିବାମ୍ୟହମ୍</u> ।

### ୮ । ଉ / ଊ + ଉବର୍ଣ୍ଣଭିନ୍ନ କୌଣସି ସ୍ୱର = ବ୍ + ସ୍ୱର

ଯଥା :- ସୁ + ଆଗତମ୍ = (ସ୍ + ଉ + ଆଗତମ୍ = ସ୍ + ବ୍ + ଆଗତମ୍) = ସ୍ୱାଗତମ୍

ସୁ + ଅସ୍ତି = (ସ୍ + ଉ + ଅସ୍ତି = ସ୍ + ବ୍ + ଅସ୍ତି) = ସ୍ୱସ୍ତି

## ଅଭ୍ୟାସଃ

ସନ୍ଧିଂ କୁରୁତ ।

ଅନୁ + ଅୟଃ = ________

ଆଗଚ୍ଛତୁ + ଅତ୍ର = ________

ଖଲୁ + ଅହମ୍ = ________

ପଚତୁ + ଓଦନମ୍ = ________

ସାଧୁ + ଆଦେଶଃ = ________

ଅନୁ + ଅଗଚ୍ଛତ୍ = ________

ଅନୁ + ଅସରତ୍ = ________

ଅନୁ + ଏଷଣମ୍ = ________

ବଧୂ + ଆଦେଶଃ = ________

ଭୂ + ଆଦିଃ = ________

### ୯ । ଋ/ୠ + ଋ ବର୍ଣ୍ଣଭିନ୍ନ କୌଣସି ସ୍ୱର = ର୍ + ସ୍ୱର

ଯଥା :- ପିତୃ + ଆଦେଶଃ = (ପିତ୍ + ଋ + ଆଦେଶଃ = ପିତ୍ + ର୍ + ଆଦେଶଃ) = ପିତ୍ରାଦେଶଃ ।

ମାତୃ + ଆଜ୍ଞା = (ମାତ୍ + ଋ + ଆଜ୍ଞା = ମାତ୍ + ର୍ + ଆଜ୍ଞା) = ମାତ୍ରାଜ୍ଞା

## ଅଭ୍ୟାସଃ

ସନ୍ଧିଂ କୁରୁତ ।

ଭ୍ରାତୃ + ଆଜ୍ଞା = ________

ମାତୃ + ଇଚ୍ଛା = ________

ଦାତୃ + ଉପଦେଶଃ = ________

ପିତୃ + ଅର୍ଥଃ = ________

ପିତୃ + ଅନୁଗ୍ରହଃ = ________

ମାତୃ + ଅନୁମତିଃ = ________

ପିତୃ + ଅଂଶଃ = ________

ସବିତୃ + ଉଦୟଃ = ________

### ୧୦ । ପଦାନ୍ତ ଏ + ଅ = ଏଽ

ଯଥା :- ତେ + ଅଦ୍ୟ = ତେଽଦ୍ୟ, ଦେହେ + ଅସ୍ମିନ୍ = ଦେହେଽସ୍ମିନ୍

**ଅଭ୍ୟାସଃ**

ସନ୍ଧିଂ କୁରୁତ ।

ଏତେ + ଅଦ୍ୟ = ________ ତେ + ଅପି = ________
କ୍ଷୁଦ୍ରେ + ଅପି = ________ ବନେ + ଅତ୍ର = ________
ବୃକ୍ଷେ + ଅସ୍ମିନ୍ = ________ ତେ + ଅଗଚ୍ଛନ୍ = ________
ସୁଖେ + ଅସୁଖେ = ________ ଯାଚତେ + ଅୟମ୍ = ________
ଯାଚତେ + ଅର୍ଥମ୍ = ________ ତେ + ଅହମ୍ = ________
ଗୁରବେ + ଅବଦନ୍ = ________

### ୧୧ । ପଦାନ୍ତ ଓ + ଅ = ଓଽ

ଯଥା :- ବିଷ୍ଣୋ + ଅବ = ବିଷ୍ଣୋଽବ ।

**ଅଭ୍ୟାସଃ**

୧। ସନ୍ଧିଂ କୁରୁତ ।

ବନ୍ଧୋ + ଅତ୍ର = ________ ଗୁରୋ + ଅହମ୍ = ________

୨। ପଠିତନିୟମାନୁସାରଂ ସନ୍ଧିଂ କୁରୁତ ।

(କ) ଏକାକିନୀ + ଆଗଚ୍ଛତି ।
(ଖ) ଗଙ୍ଗା + ଅବତରତି
(ଗ) ବନେ + ଅତ୍ର
(ଘ) ଉପରି + ଉପବିଶତି
(ଙ) ଆତ୍ମାନମ୍ + ଅପଶ୍ୟମ୍ ।
(ଚ) ମୁନି + ଇଚ୍ଛା
(ଛ) କଃ + ଅପି
(ଜ) ବେଗେନ + ଉତ୍ପ୍ଲୁତ୍ୟ
(ଝ) ବହୁ + ଇଚ୍ଛାମି
(ଞ) ଅଶ୍ରୁଦ୍ଧା + ଏବ
(ଟ) ପରମ + ଋତମ୍

### ୧୨ । ଏ + କୌଣସି ସ୍ୱର = ଅୟ୍ + ସ୍ୱର

ଯଥା :- ନେ + ଅନମ୍ = (ନ୍ + ଏ + ଅନ = ନ୍ + ଅୟ୍ + ଅନ) = ନୟନମ୍
ଶେ + ଅନମ୍ = (ଶ୍ + ଏ + ଅନ = ଶ୍ + ଅୟ୍ + ଅନ) = ଶୟନମ୍

**ଅଭ୍ୟାସଃ**

ସନ୍ଧିଂ କୁରୁତ ।

ନେ + ଅତି = ________ ଚେ + ଅନମ୍ = ________
ତେ + ଆଗତାଃ = ________ ଯେ + ଇହ = ________
ହରେ + ଏହି = ________

**୧୩ । ଐ + କୌଣସି ସ୍ୱର = ଆୟ୍ + ସ୍ୱର**

ଯଥା :- ଗୈ + ଅକଃ = (ଗ୍ + ଐ + ଅକ = ଗ୍ + ଆୟ୍ + ଅକ) = ଗାୟକଃ

ନୈ + ଅକଃ = (ନ୍ + ଐ + ଅକ = ନ୍ + ଆୟ୍ + ଅକ) = ନାୟକଃ

**ଅଭ୍ୟାସଃ**

ସନ୍ଧିଂ କୁରୁତ ।

କସ୍ମୈ + ଅଦଦାତ୍ = (କସ୍ମ + ଆୟ୍ + ଅଦଦାତ୍) = ________

ଶ୍ରିୟୈ + ଇଚ୍ଛା = (ଶ୍ରିୟ୍ + ଆୟ୍ + ଇଚ୍ଛା) = ________

ଗୈ + ଅତି = (ଗ୍ + ଆୟ୍ + ଅତି) = ________

ଶ୍ରିୟୈ + ଔତ୍ସୁକ୍ୟମ୍ = (ଶ୍ରିୟ୍ + ଆୟ୍ + ଔତ୍ସୁକ୍ୟମ୍) = ________

**୧୪ । ଓ + କୌଣସି ସ୍ୱର = ଅବ୍ + ସ୍ୱର**

ଯଥା :- ପୋ + ଅନଃ = (ପ୍ + ଓ + ଅନ = ପ୍ + ଅବ୍ + ଅନ) = ପବନଃ

**ଅଭ୍ୟାସଃ**

ସନ୍ଧିଂ କୁରୁତ ।

ଭୋ + ଅନମ୍ = ________　　ଭୋ + ଅତି = ________

ପୋ + ଇତ୍ରଃ = ________　　ଗୋ + ଏଷଣା = ________

ଭୋ + ଇତା = ________　　ସାଧୋ + ଋତମ୍ + ଆଚର = ________

**୧୫ । ଔ + କୌଣସି ସ୍ୱର = ଆବ୍ + ସ୍ୱର**

ଯଥା :- ପୌ + ଅକଃ = (ପ୍ + ଔ + ଅକ = ପ୍ + ଆବ୍ + ଅକ) = ପାବକଃ

**ଅଭ୍ୟାସଃ**

ସନ୍ଧିଂ କୁରୁତ ।

ଭୌ + ଉକଃ = ________　　ନୌ + ଇକଃ = ________

ଦ୍ୱୌ + ଇମୌ = ________　　ତୌ + ଉଭୌ = ________

ତୌ + ଏତୌ = ________　　ରାତ୍ରୌ + ଅହନି = ________

ରାତ୍ରୌ + ଆଗତୌ = ________　　ରବୌ + ଉଦିତେ = ________

ଗତୌ + ଉଭୌ = ________　　ଉଭୌ + ଏତୌ = ________

**୧୬ । ପଦାନ୍ତ ଅୟ୍ / ଆୟ୍ / ଅବ୍ / ଆବ୍ + କୌଣସି ସ୍ୱର = ୟ୍ / ବ୍ ଲୋପ (ବିକଳ୍ପରେ)**

ଯଥା :- ସର୍ବେ + ଏବ = ସର୍ବ୍ + ଏ + ଏବ = ସର୍ବ୍ + ଅୟ୍ + ଏବ = ସର୍ବୟେବ

ଅଥବା ସର୍ବ୍ + ଅ + ଏବ = ସର୍ବ ଏବ (ଲୋପ ପକ୍ଷେ) ।

'ୟ୍' ଲୋପ 'ବ୍' ଲୋପ ସନ୍ଧିର ପୁନଃ ସନ୍ଧି ହୁଏ ନାହିଁ ।

**ଲୋପସନ୍ଧେଃ ଉଦାହରଣାନି :**

କ୍ଷିତିଜେ + ଉଦୟତି = କ୍ଷିତିଜୟୁଦୟତି / କ୍ଷିତିଜ ଉଦୟତି ।

ଉଦ୍ୟାନେ + ଆବାସଃ = ଉଦ୍ୟାନୟାବାସଃ / ଉଦ୍ୟାନ ଆବାସଃ ।

କ୍ଷଣେ + ଏବ = କ୍ଷଣୟେବ / କ୍ଷଣ ଏବ

ପାତ୍ରେ + ଓଦନମ୍ = ପାତ୍ରୟୋଦନମ୍ / ପାତ୍ର ଓଦନମ୍ ।

ଖେଳେ + ଇଚ୍ଛା = ଖେଳୟିଚ୍ଛା / ଖେଳ ଇଚ୍ଛା ।

ଅରଣ୍ୟେ + ଔଷଧମ୍ = ଅରଣ୍ୟୌଷଧମ୍ / ଅରଣ୍ୟ ଔଷଧମ୍ ।

ପାଠେ + ଉଦାସୀନତା = ପାଠୟୁଦାସୀନତା / ପାଠ ଉଦାସୀନତା ।

ହସ୍ତେ + ଏବ = ହସ୍ତୟେବ / ହସ୍ତ ଏବ

ତସ୍ମୈ + ଅୟଚ୍ଛତ୍ = ତସ୍ମାୟୟଚ୍ଛତ୍ / ତସ୍ମା ଅୟଚ୍ଛତ୍

ତସ୍ୟୈ + ଅଦଦାତ୍ = (ତସ୍ୟ + ଆୟ୍ + ଅଦଦାତ୍) = ତସ୍ୟାୟଦଦାତ୍ / ତସ୍ୟା ଅଦଦାତ୍ ।

କସ୍ମୈ + ଅର୍ପୟତି = କସ୍ମାୟର୍ପୟତି / କସ୍ମା ଅର୍ପୟତି ।

ଅନ୍ୟସ୍ମୈ + ଅର୍ପୟ = ଅନ୍ୟସ୍ମାୟର୍ପୟ / ଅନ୍ୟସ୍ମା ଅର୍ପୟ ।

ତସ୍ୟୈ + ଅଧିକମ୍ = ତସ୍ୟାୟଧିକମ୍ / ତସ୍ୟା ଅଧିକମ୍

ଅସ୍ମୈ + ଅଦ୍ୟ = ଅସ୍ମାୟଦ୍ୟ / ଅସ୍ମା ଅଦ୍ୟ ।

ପୂଜାୟୈ + ଆଗତା = ପୂଜାୟାୟାଗତା / ପୂଜାୟା ଆଗତା ।

ବ୍ୟାଖ୍ୟାୟୈ + ଉବାଚ = ବ୍ୟାଖ୍ୟାୟାୟୁବାଚ / ବ୍ୟାଖ୍ୟାୟା ଉବାଚ ।

କନ୍ୟାୟୈ + ଔଷଧମ୍ = କନ୍ୟାୟାୟୌଷଧମ୍ / କନ୍ୟାୟା ଔଷଧମ୍ ।

ବିଷ୍ଣୋ + ଆଗଚ୍ଛ = (ବିଷ୍ଣ୍ + ଓ + ଆଗଚ୍ଛ = ବିଷ୍ଣ୍ + ଅବ୍ + ଆଗଚ୍ଛ) = ବିଷ୍ଣବାଗଚ୍ଛ

(ଅଥବା) (ବିଷ୍ଣ୍ + ଅ + ଆଗଚ୍ଛ) = ବିଷ୍ଣ ଆଗଚ୍ଛ ।

ବନ୍ଧୋ + ଇକ୍ଷସ୍ୱ = ବନ୍ଧବୀକ୍ଷସ୍ୱ / ବନ୍ଧ ଇକ୍ଷସ୍ୱ ।

ପ୍ରଭୋ + ଏହି = ପ୍ରଭବେହି / ପ୍ରଭ ଏହି

ଗୁରୋ + ଆଗମ୍ୟତାମ୍ = ଗୁରବାଗମ୍ୟତାମ୍ / ଗୁର ଆଗମ୍ୟତାମ୍ ।

ବନ୍ଧୋ + ଆଗଚ୍ଛ = ବନ୍ଧବାଗଚ୍ଛ / ବନ୍ଧ ଆଗଚ୍ଛ ।

ଦ୍ୱୌ + ଅପି = ଦ୍ୱ୍ + ଔ + ଅପି = ଦ୍ୱ୍ + ଆବ୍ + ଅପି = ଦ୍ୱାବପି / ଦ୍ୱା ଅପି

ରାତ୍ରୌ + ଏବ = ରାତ୍ରାବେବ / ରାତ୍ରା ଏବ ।

ଭୂମୌ + ଉପାବିଶତ୍ = ଭୂମାବୁପାବିଶତ୍ / ଭୂମା ଉପାବିଶତ୍ ।

**ଅଭ୍ୟାସଃ**

ସନ୍ଧିଂ କୁରୁତ ।

ପ୍ରବିଷ୍ଟୌ + ଆବାମ୍ = ________ । ଗତୌ + ଇମୌ = ________ ।

ଉଦଧୌ + ଉଦିତଃ = ________ । କୌ + ଏତୌ = ________ ।

## ଅପବାଦାଃ

(କ) କୁଳ + ଅଟା = କୁଳଟା । ମୃତ + ଅଣ୍ଡଃ = ମୃତଣ୍ଡଃ । ସାର + ଅଙ୍ଗଃ = ସାରଙ୍ଗଃ । ସ୍ୱ + ଈରଃ = ସ୍ୱୈରଃ । ସୀମନ୍ + ଅନ୍ତଃ = ସୀମନ୍ତଃ । ମନସ୍ + ଈଷା = ମନୀଷା । ପ୍ର + ଊଢ଼ଃ = ପ୍ରୌଢ଼ଃ । ଅକ୍ଷ + ଊହିନୀ = ଅକ୍ଷୌହିଣୀ । ଉପ + ଋଚ୍ଛତି = ଉପାର୍ଚ୍ଛତି (ନିକଟଂ ଗଚ୍ଛତି) । ପ୍ର + ଋଚ୍ଛତି = ପ୍ରାର୍ଚ୍ଛତି (ଶୀଘ୍ରଂ ଗଚ୍ଛତି) । ସୁଖ + ଋତଃ = ସୁଖାର୍ତଃ । ତୃଷା + ଋତଃ = ତୃଷାର୍ତଃ । ଅବ + ଏହି = ଅବେହି । ଅପ + ଏହି = ଅପେହି । ପ୍ର + ଏଷୟତି = ପ୍ରେଷୟତି । ପ୍ର + ଏଜତେ = ପ୍ରେଜତେ । ବିମ୍ବ + ଓଷ୍ଠଃ = ବିମ୍ବୋଷ୍ଠ / ବିମ୍ବୌଷ୍ଠଃ । ସ୍ଥୁଳ + ଓତୁଃ = ସ୍ଥୁଳୋତୁଃ / ସ୍ଥୁଳୌତୁଃ । ପତତ୍ + ଅଞ୍ଜଳିଃ = ପତଞ୍ଜଳିଃ । ଗୋ + ଅକ୍ଷଃ = ଗବାକ୍ଷଃ । ଗୋ + ଇନ୍ଦ୍ରଃ = ଗବେନ୍ଦ୍ରଃ ।

(ଖ) ଈ-ଊ-ଏକାରାନ୍ତ ଦ୍ୱିବଚନ ପଦମାନଙ୍କର ଅନ୍ତ୍ୟସ୍ୱର ସହିତ ସ୍ୱରବର୍ଣ୍ଣର ସନ୍ଧି ହୁଏ ନାହିଁ ।

ଯଥା :- କବୀ + ଇମୌ = କବୀ ଇମୌ

ମୁନୀ + ଇମୌ = ମୁନୀ ଇମୌ । ଗିରୀ ଏତୌ = ଗିରୀ + ଏତୌ । ବିଦ୍ୟେ + ଇମେ = ବିଦ୍ୟେ ଇମେ । ମାଳେ + ଆନୟ = ମାଳେ ଆନୟ । ମିତ୍ରେ + ଇମେ = ମିତ୍ରେ ଇମେ । ଏତେ ଧେନୂ + ଅସ୍ୟ ଗୋପାଳସ୍ୟ = ଏତେ ଧେନୂ ଅସ୍ୟ ଗୋପାଳସ୍ୟ । ଇମେ ଫଳେ + ଅସ୍ମୈ ବାଳକାୟ = ଇମେ ଫଳେ ଅସ୍ମୈ ବାଳକାୟ ।

(ଗ) 'ଅଦସ୍' ଶବ୍ଦର ମକାର ପରସ୍ଥିତ ଈକାର - ଊକାରର ସନ୍ଧି ହୁଏ ନାହିଁ ।

ଯଥା :- ଅମୀ + ଅଶ୍ୱାଃ = ଅମୀ ଅଶ୍ୱାଃ

ଅମୀ + ଆର୍ଯ୍ୟାଃ = ଅମୀ ଆର୍ଯ୍ୟାଃ

ଅମୂ + ଅସୁରୌ = ଅମୂ ଅସୁରୌ

ଅମୂ + ଅର୍ଭକୌ = ଅମୂ ଅର୍ଭକୌ

(ଘ) ଅଚ୍ (ସ୍ୱରବର୍ଣ୍ଣ) ପରେ ଥିଲେ ପ୍ଳୁତସ୍ୱରର ସନ୍ଧି ହୁଏ ନାହିଁ ।

ଯଥା :- ଇହାଗଚ୍ଛ ଭୋ ହରେ ଇହାଗଚ୍ଛ ।

ଆବିର୍ଭବ ହେ ଈଶ ଆବିର୍ଭବ ।

ଏହି କୃଷ୍ଣ ଏହି ମାମ୍ ।

(ଙ) ଆଙ୍ ଭିନ୍ନ ଓକାରାନ୍ତ ଏବଂ ଏକସ୍ୱରମାତ୍ର ଅବ୍ୟୟର ପରସ୍ୱର ସହ ସନ୍ଧି ହୁଏ ନାହିଁ ।

ଯଥା :- ଅହୋ + ଅନିଷ୍ଟମ୍ ଆପତିତମ୍ = ଅହୋ ଅନିଷ୍ଟମ୍ ଆପତିତମ୍ ।

ଆ + ଏବଂ ନ କର୍ତ୍ତବ୍ୟମ୍ = ଆ ଏବଂ ନ କର୍ତ୍ତବ୍ୟମ୍ ।

## ସୂତ୍ର ସୂଚନା

୧ । ଅକଃ ସବର୍ଣ୍ଣେ ଦୀର୍ଘଃ । ପା.୬.୧.୧୦୧ ।

ଅକଃ - ଅ, ଆ, ଇ, ଈ, ଉ, ଊ, ଋ, ୠ, ଌ ।

ସବର୍ଣ୍ଣଃ - ଉଚ୍ଚାରଣସ୍ଥାନ ଏବଂ ଆଭ୍ୟନ୍ତର ପ୍ରଯତ୍ନ ଦୃଷ୍ଟିରୁ ସମାନ ସ୍ୱରବର୍ଣ୍ଣ । ସବର୍ଣ୍ଣ ସ୍ୱର ପରେ ଥିଲେ ପୂର୍ବ ପର ଦୁଇଟିଯାକର ଦୀର୍ଘ ଏକାଦେଶ ହୁଏ ।

୨। ଇକୋ ଯଣଚି । ପା.୬.୧.୭୭ ।

AKþ A, B, C, D, E, ଋ, ଌ ।

ଯଣ୍ - ୟ୍, ବ୍, ର୍, ଲ୍ ।

ଅଚ୍ - ସମସ୍ତ ସ୍ୱରବର୍ଣ୍ଣ ।

ସବର୍ଣ୍ଣ ଭିନ୍ନ ସ୍ୱରବର୍ଣ୍ଣ ପରେ ଥିଲେ 'ଇ' ବର୍ଣ୍ଣ ସ୍ଥାନରେ 'ୟ୍', ଉ ବର୍ଣ୍ଣ ସ୍ଥାନରେ 'ବ୍' ଋ ବର୍ଣ୍ଣ ସ୍ଥାନରେ 'ର୍' ଏବଂ 'ଌ' ବର୍ଣ୍ଣ ସ୍ଥାନରେ ଲ୍ ହୁଏ ।

୩। ଏଚୋଽୟବାୟାବଃ । ପା.୬.୧.୭୮ ।

ଏଚଃ + ଅୟ୍ + ଅବ୍ + ଆୟ୍ + ଆବ୍ + ଅଃ ।

ଏଚ୍ - ଏ, ଓ, ଐ, ଔ

'ଏ' ସ୍ଥାନରେ ଅୟ୍, 'ଓ' ସ୍ଥାନରେ ଅବ୍, 'ଐ' ସ୍ଥାନରେ ଆୟ୍, 'ଔ' ସ୍ଥାନରେ ଆବ୍ ହୁଏ ସ୍ୱରବର୍ଣ୍ଣ ପରେ ଥିଲେ ।

୪। ଲୋପଃ ଶାକଲ୍ୟସ୍ୟ । ପା. ୮.୩.୧୯ ।

୫। ଈଦୂଦେଦ୍ ଦ୍ୱିବଚନମ୍, ପ୍ରଗୃହ୍ୟମ୍ । ପା.୧.୧.୧୧ ।

# ବ୍ୟଞ୍ଜନସନ୍ଧିଃ

ବ୍ୟଞ୍ଜନବର୍ଣ୍ଣ ସହିତ ବ୍ୟଞ୍ଜନବର୍ଣ୍ଣର ଓ ବ୍ୟଞ୍ଜନବର୍ଣ୍ଣ ସହିତ ସ୍ୱରବର୍ଣ୍ଣର ମିଳନକୁ ବ୍ୟଞ୍ଜନସନ୍ଧି କହନ୍ତି ।

**ବର୍ଣ୍ଣସଂଯୋଗଃ** = ମ୍ + ସ୍ୱରାଃ

= ମ୍ + ଅ, ଆ, ଇ, ଈ, ଉ, ଊ, ଋ, ୠ , ଌ, ଏ, ଐ, ଓ, ଔ

= ମ, ମା, ମି, ମୀ, ମୁ, ମୂ, ମୃ, ମୄ, ମୢ, ମେ, ମୈ, ମୋ, ମୌ

**ନିୟମ - ୧**

(କ) ମ୍ → ଂ

(ଅନୁସ୍ୱାର - ସନ୍ଧିଃ)

ମ୍ ସ୍ଥାନରେ ଅନୁସ୍ୱାର

**ଉଦାହରଣ :**

ଗୃହମ୍ + ଅଗଚ୍ଛତ୍ = ଗୃହମଗଚ୍ଛତ୍ ।

ଗୃହମ୍ + ଆଗତଃ = ଗୃହମାଗତଃ, ଇତ୍ୟାଦି । ମ୍ ସହିତ ସ୍ୱରବର୍ଣ୍ଣଙ୍କର ସଂଯୋଗ ହୁଏ, ସନ୍ଧି ନୁହେଁ ।

ମ୍ ପରେ ବ୍ୟଞ୍ଜନ ଥିଲେ ସନ୍ଧି ହୁଏ; ମ୍ ର ଅନୁସ୍ୱାର ହୁଏ ଏବଂ ପରବର୍ତ୍ତୀ ବ୍ୟଞ୍ଜନ ପୂର୍ବବତ୍ ରହେ ।

**ଉଦାହରଣ :**

ଲତାମ୍ + ପ୍ରତି = ଲତାଂ ପ୍ରତି ← ସନ୍ଧିଃ

ଏଠାରେ ସନ୍ଧିରେ ବ୍ୟଞ୍ଜନ ପରେ ଥିବାରୁ ମ୍ ସ୍ଥାନରେ ଅନୁସ୍ୱାର (ଂ) ହୋଇଗଲା ।

କିନ୍ତୁ ଲତାମ୍ + ଅପଶ୍ୟତ୍ = ଲତାମପଶ୍ୟତ୍ ← ସଂଯୋଗଃ ।

ଏଠାରେ ପରପଦର ଆଦିବର୍ଣ୍ଣ ସ୍ୱର ହୋଇଥିବାରୁ 'ମ୍' ଏବଂ 'ଅ' ବର୍ଣ୍ଣର ସଂଯୋଗ ହେଲା ।

**ଅନ୍ୟାନ୍ୟ ଉଦାହରଣ :**

(କ) ବାଳିକା ବିଦ୍ୟାଳୟମ୍ ପ୍ରତି ଗଚ୍ଛତି ।
= ବାଳିକା ବିଦ୍ୟାଳୟଂ ପ୍ରତି ଗଚ୍ଛତି ।

(ଖ) ପଶ୍ୟ ବୃକ୍ଷସ୍ୟ ମହିମାନମ୍ ମନୋହାରିତ୍ୱମ୍ ଚ ।
= ପଶ୍ୟ ବୃକ୍ଷସ୍ୟ ମହିମାନଂ ମନୋହାରିତ୍ୱଂ ଚ ।

**ଅଭ୍ୟାସଃ**

୧। **ଉତ୍ତରଂ କୁରୁତ ।**

(କ) କସ୍ମାତ୍ ପୂର୍ବଂ 'ମ୍' କାରସ୍ୟ ଅନୁସ୍ୱାରଃ ଭବତି ? (ବ୍ୟଞ୍ଜନାତ୍, ସ୍ୱରାତ୍)

(ଖ) କସ୍ମାତ୍ ପୂର୍ବଂ 'ମ୍' କାରସ୍ୟ ବର୍ଣ୍ଣ ସଂଯୋଗଃ ଭବତି ? (ବ୍ୟଞ୍ଜନାତ୍, ସ୍ୱରାତ୍)

୨। **ଅଧୋଲିଖିତେଷୁ ବାକ୍ୟେଷୁ ସନ୍ଧିଯୁକ୍ତପଦାନାଂ ନିରୂପଣଂ କୁରୁତ ।**

(କ) ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ।

(ଖ) ତ୍ୱୟା ସହ ଧର୍ମଃ ନୂନଂ ଯାସ୍ୟତି ।

(ଗ) କ୍ଲୈବ୍ୟଂ ମା ସ୍ମ ଗମଃ ପାର୍ଥ ।

(ଘ) ସଙ୍ଗଚ୍ଛଧ୍ୱଂ ସଂବଦଧ୍ୱଂ ସଂବୋ ମନାଂସି ଜାନତାମ୍ ।

(ଙ) ବିଦ୍ୟା ଦଦାତି ବିନୟଂ ବିନୟାଦ୍ ଯାତି ପାତ୍ରତାମ୍ ।

୩। **ଅନୁସ୍ୱାରସନ୍ଧିଂ ବିଧାୟ ନିମ୍ନ ପ୍ରଦତ୍ତାନୁଚ୍ଛେଦଂ ପୁନଃ ଲିଖତ ।**

ଏକଃ ମୁନିଃ ଏକାମ୍ ବାଳମୂଷିକାମ୍ ଅପଶ୍ୟତ୍ । ତାମ୍ ଗୃହମ୍ ଆନୀୟ ସଃ ଅଚିନ୍ତୟତ୍ - ଅସ୍ୟାଃ ବିବାହମ୍ କେନାପି ବଳିଷ୍ଠେନ ସହ କାରୟିଷ୍ୟାମି । ନୂନମ୍ ସୂର୍ଯ୍ୟଃ ଏବ ବଳିଷ୍ଠଃ ।

..............................................................................................................

..............................................................................................................

..............................................................................................................

## ନିୟମ - ୨

**ହ୍ରସ୍ୱ ସ୍ୱରଃ + ର୍ + ର୍ = ଦୀର୍ଘସ୍ୱରଃ + ର୍**

**(ର୍ ପୂର୍ବବର୍ତ୍ତୀ ରେଫ (ର୍) ର ଲୋପ ଏବଂ ଦୀର୍ଘସ୍ୱରତ୍ୱ)**

ପୂର୍ବପଦର ଅନ୍ତରେ ହ୍ରସ୍ୱସ୍ୱର (ଅ / ଇ / ଉ) + ର୍ ଥିବା ଯଥା (କ) ପୁନର୍, (ଖ) ଅନ୍ତର୍, (ଗ) ହରିର୍, (ଘ) ନିର୍, (ଙ) ଗୁରୁର୍, (ଚ) ଶମ୍ଭୁର୍ ଇତ୍ୟାଦି, ପଦଗୁଡ଼ିକର ଉତ୍ତରପଦର ଆଦିରେ 'ର୍' ଥିବା ପଦ ଯଥା (କ) ରମତେ, (ଖ) ରାଷ୍ଟ୍ରିୟଃ, (ଗ) ରାଜତେ, (ଘ) ରୋଗଃ, (ଙ) ରୁଷ୍ଟଃ, (ଚ) ରାଧ୍ୟତେ ଇତ୍ୟାଦି ପଦଗୁଡ଼ିକ ସହିତ ଯଥାକ୍ରମେ ସନ୍ଧି ହେଲେ ପୂର୍ବପଦର ହ୍ରସ୍ୱ ସ୍ୱର (ଅ / ଇ / ଉ) ର ଦୀର୍ଘସ୍ୱର (ଆ / ଈ / ଊ) ହୋଇଯାଏ ଏବଂ ପୂର୍ବବର୍ତ୍ତୀ 'ର୍'ର ଲୋପ ହୁଏ । ଫଳରେ ପୁନାରମତେ, ଅନ୍ତାରାଷ୍ଟ୍ରିୟଃ, ହରୀରାଜତେ, ନୀରୋଗଃ, ଗୁରୂରୁଷ୍ଟଃ, ଶମ୍ଭୂରାଧ୍ୟତେ ଏବଂ ବିଂଶତୀରୂପ୍ୟକାଣି ପରି ସନ୍ଧି-ନିଷ୍ପନ୍ନ ପଦମାନ ମିଳିଥାନ୍ତି ।

**ଅଭ୍ୟାସଃ**

ଶୂନ୍ୟସ୍ଥାନାନି ପୂରୟତ ।

(କ) ନିର୍ + ରବଃ = ________
(ଖ) ନିର୍ + ________ = ନୀରସମ୍
(ଗ) ________ + ରଜଃ = ନୀରଜଃ
(ଘ) ________ + ରମ୍ୟଃ = ଶମ୍ଭୂରମ୍ୟଃ
(ଙ) ଗୁରୁର୍ + ରକ୍ଷକଃ = ________
(ଚ) ଅନ୍ତର୍ + ରାଜ୍ୟମ୍ = ________

**ନିୟମ - ୩**

**କ୍, ଚ୍, ଟ୍, ତ୍, ପ୍ → ଗ୍, ଜ୍, ଡ୍, ଦ୍, ବ୍**

**(ବର୍ଗୀୟ ପ୍ରଥମ ବର୍ଣ୍ଣମାନଙ୍କର ତୃତୀୟ ବର୍ଣ୍ଣକୁ ପରିବର୍ତ୍ତନ)**

(କ) କ୍ → ଗ୍ (କ୍ ଖ୍ ଗ୍ ଘ୍ ଙ୍)

**ଉଦାହରଣ :**

| ପୂର୍ବପଦର | ଅନ୍ତିମବର୍ଣ୍ଣ | ଉତ୍ତରପଦର | ଆଦିବର୍ଣ୍ଣ | | ନିଷ୍ପନ୍ନପଦ |
|---|---|---|---|---|---|
| ଦିକ୍ | କ୍ | ଅମ୍ବରଃ | ଅ | = | ଦିଗମ୍ବରଃ |
| ଦିକ୍ | କ୍ | ଗଜଃ | ଗ | = | ଦିଗ୍‌ଗଜଃ |
| (ଖ) ଚ୍ → ଜ୍ (ଚ୍ ଛ୍ ଜ୍ ଝ୍ ଞ୍) | | | | | |
| ଅଚ୍ | ଚ୍ | ଅନ୍ତଃ | ଅ | = | ଅଜନ୍ତଃ |
| ଅଚ୍ | ଚ୍ | ଆଦିଃ | ଆ | = | ଅଜାଦିଃ |
| (ଗ) ଟ୍ → ଡ୍ (ଟ୍ ଠ୍ ଡ୍ ଢ୍ ଣ୍) | | | | | |
| ଷଟ୍ | ଟ୍ | ଆନନଃ | ଆ | = | ଷଡ଼ାନନଃ |
| ଷଟ୍ | ଟ୍ | ଅଙ୍ଗାନି | ଅ | = | ଷଡ଼ଙ୍ଗାନି |
| (ଘ) ତ୍ → ଦ୍ (ତ୍ ଥ୍ ଦ୍ ଧ୍ ନ୍) | | | | | |
| ଜଗତ୍ | ତ୍ | ଈଶଃ | ଈ | = | ଜଗଦୀଶଃ |
| ଚିତ୍ | ତ୍ | ରୂପମ୍ | ର୍ | = | ଚିଦ୍ରୂପମ୍ |
| (ଙ) ପ୍ → ବ୍ (ପ୍ ଫ୍ ବ୍ ଭ୍ ମ୍) | | | | | |
| ଅପ୍ | ପ୍ | ଜଃ | ଜ୍ | = | ଅବ୍‌ଜଃ |
| ସୁପ୍ | ପ୍ | ଅନ୍ତଃ | ଅ | = | ସୁବନ୍ତଃ |

**ଅଭ୍ୟାସଃ**

ନିମ୍ନଲିଖିତେଷୁ ଉଦାହରଣେଷୁ ଶୂନ୍ୟସ୍ଥାନାନି ପୂରୟତ ।

(କ) ବାକ୍ + ________ = ବାଗର୍ଥୌ
(ଖ) ________ + ଦାନମ୍ = ବାଗ୍‌ଦାନମ୍
(ଗ) ଷଟ୍ + ________ = ଷଡ୍‌ଦେବାଃ
(ଘ) ବୃହତ୍ + ରଥଃ = ________
(ଙ) ________ + ଦାନମ୍ = ମହଦ୍ଦାନମ୍
(ଚ) ________ + ________ = ସଦାଚାରଃ
(ଛ) ଚିତ୍ + ________ = ଚିଦାନନ୍ଦଃ
(ଜ) ବାକ୍ + ________ = ବାଗୁତ୍ତମା
(ଝ) ଜଗତ୍ + ବନ୍ଧୁଃ = ________
(ଞ) ________ + ଧନମ୍ = ମହଦ୍ଧନମ୍

## ନିୟମ - ୪

ତ୍ → ଚ

ନିୟମ ନ. ୩ ଅନୁଯାୟୀ 'ତ୍' ସ୍ଥାନରେ 'ଦ୍' ହୁଏ ମାତ୍ର ଉତ୍ତରପଦର ପ୍ରଥମ ବର୍ଣ୍ଣ 'ଚ୍' କିମ୍ବା ଚ ବର୍ଗର କୌଣସି ବର୍ଣ୍ଣ ହୋଇଥାଏ ତେବେ 'ତ୍' ସ୍ଥାନରେ 'ଦ୍' ବଦଳରେ 'ଚ୍' ହୁଏ ।

**ଉଦାହରଣ :**

ଏତତ୍ + ଚ = ଏତଚ୍ + ଚ = ଏତଚ୍ଚ

ଅନ୍ୟତ୍ + ଚ = ଅନ୍ୟଚ୍ + ଚ = ଅନ୍ୟଚ୍ଚ

ତତ୍ + ଚ = ତଚ୍ + ଚ = ତଚ୍ଚ

**ଅଭ୍ୟାସଃ**

ଶୂନ୍ୟସ୍ଥାନାନି ପୂରୟତ ।

(କ) ସତ୍ + ଚିତ୍ = ________

(ଖ) ଉତ୍ + ଚୟଃ = ________

(ଗ) ତତ୍ + ଚିତ୍ରମ୍ = ________

(ଘ) ଶରତ୍ + ଚନ୍ଦ୍ରଃ = ________

(ଙ) ତତ୍ + ________ = ତଚ୍ଚକ୍ରମ୍

(ଚ) ତତ୍ + ଛତ୍ରମ୍ = ________

(ଛ) ସତ୍ + ________ = ସଚ୍ଚରିତ୍ରମ୍

(ଜ) ମହତ୍ + ଚିତ୍ରମ୍ = ________

(ଝ) ________ + ଚିନ୍ତୟିତ୍ୱା = ତଚ୍ଚିନ୍ତୟିତ୍ୱା

(ଞ) ________ + ଚରଣେଷୁ = ଭବଚ୍ଚରଣେଷୁ

(ଟ) ବିପତ୍ + ________ = ବିପଚ୍ଚିନ୍ତା

(ଠ) ଭବତ୍ + ଚରଣାରବିନ୍ଦେଷୁ = ________

(ଡ) ଭଗବତ୍ + ଚିନ୍ତନମ୍ = ________

## ନିୟମ - ୫

ତ୍ → ଲ

ଯଦି ଉତ୍ତରପଦର ପୂର୍ବ ବର୍ଣ୍ଣ 'ଲ୍' ହୁଏ ତେବେ ପୂର୍ବପଦର ଅନ୍ତିମବର୍ଣ୍ଣ 'ତ୍' ସ୍ଥାନରେ 'ଲ୍' ହୋଇଯାଏ ।

**ଉଦାହରଣ :**

ଉତ୍ + ଲାସଃ = ଉଲ୍ + ଲାସଃ = ଉଲ୍ଲାସଃ

ସମୁତ୍ + ଲେଖଃ = ସମୁଲ୍ + ଲେଖଃ = ସମୁଲ୍ଲେଖଃ

**ଅଭ୍ୟାସଃ**

ଶୂନ୍ୟସ୍ଥାନାନି ପୂରୟତ ।

(କ) ସମୁତ୍ + ଲାସଃ = ________

(ଖ) ଉତ୍ + ଲେଖଃ = ________

(ଗ) ମହତ୍ + ଲଘୁ = ________

(ଘ) ତତ୍ + ଲୀନଃ = ________

(ଙ) ________ + ଲତା = ତଡ଼ିଲ୍ଲତା

(ଚ) ________ + ଲତା = ବିଦ୍ୟୁଲ୍ଲତା

(ଛ) ଉତ୍ + ଲଙ୍ଘନମ୍ = ________

(ଜ) ତତ୍ + ଲାଙ୍ଗୁଲମ୍ = ________